# NATIONAL NEWS BULLETIN (ODIA)
## 8 October - 2023
## Morning Bulletin : 7.15 a.m.

*************************************

## ମୁଖ୍ୟ ସମ୍ବାଦ

- ଇସ୍ରାଏଲ ଉପରେ ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ହମାସ୍‌ର ଆକ୍ରମଣ ପରିପ୍ରେକ୍ଷୀରେ ଯୁଦ୍ଧ ଘୋଷଣା କଲେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ।

\- ସେଠାକାର ଭାରତୀୟଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ବିଭିନ୍ନ କ୍ଷେତ୍ରରେ କର ହ୍ରାସ ଏବଂ ଅନ୍ୟକେତେକ କ୍ଷେତ୍ରରେ ଏହାକୁ ଛାଡ କରିବା ଲାଗି ଜିଏସ୍‌ଟି ପରିଷଦର ନିଷ୍ପତ୍ତି ।
- ଭାରତୀୟ ବିମାନ ବାହିନୀର ନୂତନ ନିଶାନ ଆଜି ହେବ ଉନ୍ମୋଚିତ ।
- ଆଫଗାନିସ୍ତାନ ଭୂକମ୍ପରେ ମୃତ୍ୟୁସଂଖ୍ୟା ଟପିଲା ୧୨୦୦କୁ ।

ଏବଂ

- ଏସୀୟ କ୍ରୀଡ଼ାରେ ଭାରତୀୟ ଖେଳାଳିଙ୍କ ଅଭୂତପୂର୍ବ ସଫଳତା ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବିଭିନ୍ନ ବର୍ଗର ଶୁଭେଚ୍ଛା ।

## ଇସ୍ରାଏଲ-ହମାସ

ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ହମାସ୍ ପକ୍ଷରୁ ଗତକାଲି ଇସ୍ରାଏଲ ଉପରୁ ଭୀଷଣ ଆକ୍ରମଣ କରାଯାଇଛି । ଏହି ଅତର୍କିତ ଆକ୍ରମଣରେ ଦକ୍ଷିଣ ଏବଂ କେନ୍ଦ୍ରୀୟ ଇସ୍ରାଏଲ ଅଞ୍ଚଳରେ ଦେଢଶହରୁ ଅଧିକ ଲୋକଙ୍କର ମୃତ୍ୟୁ ହେବା ସହ ୧୧ଶହରୁ ଅଧିକ ଆହତ ହୋଇଛନ୍ତି। ଇସ୍ରାଏଲ ସରକାରୀ ମିଡିଆ କହିଛି, ବହୁ ଇସ୍ରାଏଲ ନାଗରିକଙ୍କୁ ଗାଜା ଷ୍ଟ୍ରିପ୍‌ରେ ବନ୍ଧକ ରଖାଯାଇଛି । ଏହି ଆକ୍ରମଣ ପରିପ୍ରେକ୍ଷୀରେ ପ୍ରତିକ୍ରିୟା ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଇସ୍ରାଏଲ ପାଲେଷ୍ଟାଇନ ଯୁଦ୍ଧ ଘୋଷଣା କରୁଛି । ଏହି ଯୁଦ୍ଧରେ ଇସ୍ରାଏଲ ନିଶ୍ଚିତ ବିଜୟ ହାସଲ କରିବ ଏବଂ ଏଥିପାଇଁ ହମାସ୍‌କୁ ବହୁମୂଲ୍ୟ ଦେବାକୁ ପଡିବ । ଇସ୍ରାଏଲ ରାଷ୍ଟ୍ରପତି ଆଇଜାକ ହେରେଜୋଗ ମଧ୍ୟ ହମାସର ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ଇସ୍ରାଏଲ ସାମରିକ ବାହିନୀ ଅପରେସନ ସୋଡସ୍ ଅଫ ଆଇରନ୍ ନାମରେ ପାଲେଷ୍ଟାଇନ ବିରୁଦ୍ଧରେ ଯୁଦ୍ଧ ଯାତ୍ରା ଆରମ୍ଭ କରିଛି । ହମାସ୍ ଆତଙ୍କବାଦୀ ଗୋଷ୍ଠୀର ୧୭ଟି ଶିବିର ଉପରେ ଇସ୍ରାଏଲ ପକ୍ଷରୁ

ଆକାଶମାର୍ଗରୁ ଆକ୍ରମଣ କରାଯାଇଛି । ଏହା ଦ୍ୱାରା ୨୩୦ରୁ ଅଧିକ ହମାସ ଆତଙ୍କବାଦୀଙ୍କର ମୃତ୍ୟୁ ହୋଇଥିବା ଇସ୍ରାଏଲ ଦାବି କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଶାନ୍ତି ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ଏହା ଦ୍ୱାରା ନିରୀହ ଜନସାଧାରଣ କ୍ଷତିଗ୍ରସ୍ତ ହେବେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି  ପ୍ରଧାନମନ୍ତ୍ରୀ ଏହି ଆତଙ୍କବାଦୀ ଆକ୍ରମଣ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।  ଇସ୍ରାଏଲରେ ବସବାସ କରୁଥିବା ଭାରତୀୟଙ୍କୁ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।  ସେ ସେଠାକାର ସୁରକ୍ଷା ବ୍ୟବସ୍ଥାକୁ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି । ଆବଶ୍ୟକସ୍ଥଳେ ଭାରତୀୟ ଦୂତାବାସକୁ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

# ଜିଏସ୍‌ଟି କାଉନ୍‌ସିଲ୍ ମିଟିଂ

ଜଳଯୋଗାଣ, ଜନସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବସ୍ତି ଅଞ୍ଚଳ ବିକାଶ ବ୍ୟବସ୍ଥା ଉପରୁ ସାମଗ୍ରୀ ଓ ସେବା କର ଛାଡ କରାଯାଇଛି । ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୫୨ତମ ଜି.ଏସ୍.ଟି. ପରିଷଦ ବୈଠକରେ ଏହି ନିଷ୍ପତି ନିଆଯାଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୈଠକରେ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ

ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ଅର୍ଥମନ୍ତ୍ରୀଗଣ ଅଂଶଗ୍ରହଣ କରିଥିଲେ । ବୈଠକ ଶେଷରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ଜି.ଏସ୍.ଟି. ଆପେଲେଟ୍ ଟ୍ରିବୁନାଲ୍ ଉପରେ ପରିଷଦରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ତରଳ ଗୁଡ଼ ଉପରୁ ଜି.ଏସ୍.ଟି. ହାର ଶତକଡ଼ା ୨୮ ଭାଗରୁ ଶତକଡ଼ା ୫ ଭାଗକୁ ହ୍ରାସ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିରୁ ଆଖୁ ଚାଷୀମାନେ ଉପକୃତ ହେବେ । ସେ କହିଛନ୍ତି, ଶତକଡ଼ା ୭୦ ଭାଗ ବାଜରା ଥିବା ଅଟା ଉପରେ ଜି.ଏସ୍.ଟି. ଲାଗୁ ହେବ ନାହିଁ । ତେବେ  ପ୍ୟାକେଟ୍ କିମ୍ବା ବ୍ରାଣ୍ଡ ନାମରେ ବିକ୍ରି ଉପରେ ଶତକଡ଼ା ୫ ଭାଗ ଜି.ଏସ୍.ଟି. ଲାଗୁ ହେବ । ଜି.ଏସ୍.ଟି. ଆପେଲେଟ୍ ଟ୍ରିବୁନାଲ୍‌ରେ ସଂଶୋଧନ ସମ୍ବନ୍ଧରେ ସେ କହିଛନ୍ତି, ଏହାର ପ୍ରେସିଡେଣ୍ଟଙ୍କର ସର୍ବାଧିକ ବୟସସୀମା ୭୦ ବର୍ଷକୁ ବୃଦ୍ଧି କରାଯାଇଛି । ସେହିଭଳି ସଦସ୍ୟମାନଙ୍କର ବୟସସୀମା ସର୍ବାଧିକ ୬୭ ବର୍ଷ ରହିବ । ଅର୍ଥମନ୍ତ୍ରୀ କହିଛନ୍ତି, ଏଣିକି ଏକ୍ସଟ୍ରା ନ୍ୟୁଟ୍ରାଲ୍ ଆଲ୍‌କହଲ୍ ଉପରେ  ଜି.ଏସ୍.ଟି. ପରିଷଦ ଟିକସ ଲାଗୁ କରିବ ନାହିଁ । ଲୋକଙ୍କ ବ୍ୟବହାର ପାଇଁ ଏହାକୁ ଜି.ଏସ୍.ଟି.ର ପରିସର ବାହାରେ ରଖିବାକୁ ସୁପାରିଶ କରାଯାଇଛି । ଲ’ କମିଟିର ଅନୁଧ୍ୟାନ ପରେ ସମ୍ପୃକ୍ତ ଆଇନ୍‌ରେ ଆବଶ୍ୟକ ସଂଶୋଧନ କରାଯିବ ।

# ଆୟୁଷ ହସ୍ପିଟାଲ

କେନ୍ଦ୍ର ଆୟୁଷ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଆସାମରେ ୬ଟି ନୂତନ ଆୟୁଷ ହସ୍ପିଟାଲର ପ୍ରତିଷ୍ଠା ନେଇ ଘୋଷଣା କରିଛନ୍ତି । ଗତକାଲି ମାଜୁଲିଠାରେ ୫୦ ଶଯ୍ୟା ବିଶିଷ୍ଟ ଏକ ଆୟୁଷ ହସ୍ପିଟାଲକୁ ଉଦ୍‌ଘାଟନୀ କରିବା ଅବସରରେ ସେ କହିଛନ୍ତି ଏହି ନୂତନ ହସ୍ପିଟାଲଗୁଡ଼ିକ କାଲିଆବୋର୍, ମୋରିଗାଓଁ, କୋକ୍‌ରାଝରର ଏବଂ ବକ୍‌ସାଠାରେ ନିର୍ମିତ ହେବ । ଦିଫୁଠାରେ ମଧ ଏକ ୩୦ଶଯ୍ୟା ବିଶିଷ୍ଟ ଆୟୁଷ ହସ୍ପିଟାଲ ପ୍ରତିଷ୍ଠା କରାଯିବା ନେଇ ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଇତିମଧ୍ୟରେ ଆସାମରେ ୨ଶହ ଅଣାନବେଟି ଆୟୁଷ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି । ଖୁବ୍‌ଶୀଘ୍ର ଆଉ ୨୦୦ଟି କାର୍ଯ୍ୟ ଆରମ୍ଭ କରିବ । ସେ ଆହୁରି କହିଛନ୍ତି ଆସାମର ବିଭିନ୍ନ ଜିଲ୍ଲାରେ ପାଖାପାଖି ୧୦୦ଟି ଆୟୁଷ ଡିସ୍‌ପେନ୍‌ସରୀ କାର୍ଯ୍ୟକାରୀ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି ।

# ଆଇଏଏଫ୍-ଏନ୍‌ସାଇନିଂ

ବିମାନ ବାହିନୀ ମୁଖ୍ୟ ଭି.ଆର୍. ଚୌଧୁରୀ ଆଜି ବିମାନ ବାହିନୀ ଦିବସ ଅବସରରେ ଭାରତୀୟ ବିମାନ ବାହିନୀର ନୂତନ ନିଶାନକୁ

ଉନ୍ମୋଚନ କରିବେ । ବିମାନ ବାହିନୀ କହିଛି, ଏକ ନୂଆ ନିଶାନ ସୃଷ୍ଟି କରାଯାଇଛି । ଏଥିରେ ବିମାନ ବାହିନୀର ମୂଲ୍ୟବୋଧ ଗୁଡ଼ିକର ପ୍ରତିଫଳନ ହେବ । ସେହି ନିଶାନ ମଧ୍ୟରେ ବିମାନ ବାହିନୀର ଚୂଡ଼ାକୁ ଅନ୍ତର୍ଭୁକ୍ତ କରାଯିବ । ଏହାକୁ ନିଶାନର ଦକ୍ଷିଣ ପଟର ଉପରିସ୍ଥ ଭାଗରେ ରଖାଯିବ । ବିମାନ ବାହିନୀ ଚୂଡ଼ାରେ ଜାତୀୟ ଚିହ୍ନ ଅଶୋକ ସିଂହ ଶୀର୍ଷରେ ଥାଇ ଦେବନଗରୀ ଭାଷାରେ ସତ୍ୟମେବ ଜୟତେ ରହିଛି । ଅଶୋକ ସିଂହ ତଳକୁ ହିମାଳୟ ଛଞ୍ଚାଣର ଚିହ୍ନ ରହିଛି, ସେଥିରେ ଛଞ୍ଚାଣର ଡେଣା ଉନ୍ମୁକ୍ତ ରହିଛି । ଯାହା ବିମାନ ବାହିନୀର ଲଢୁଆ କ୍ଷମତାର ପ୍ରଦର୍ଶନ କରେ । ହିମାଳୟ ଛଞ୍ଚାଣ ଚର୍ତୁପାର୍ଶ୍ୱରେ ହାଲକା ନୀଳରଙ୍ଗର ଗୋଲାକାର ବୃତ୍ତ ରହିଛି । ସେଥିରେ ଭାରତୀୟ ବାୟୁ ସେନା ଲେଖା ଯାଇଛି । ଭାରତୀୟ ବିମାନ ବାହିନୀର ମନ୍ତ୍ର 'ନଭହ-ସ୍ୱର୍ଶମ୍ ଦିପ୍ତମ୍' ହିମାଳୟ ଛଞ୍ଚାଣ ତଳକୁ ଦେବନଗରୀ ଭାଷାରେ ଖୋଦିତ ହୋଇଛି । ସ୍ୱାଧୀନତା ପରେ ଭାରତୀୟ ବିମାନ ବାହିନୀର ନିଶାନକୁ ବଦଳା ଯାଇଥିଲା ।

# ଆଫଗାନିସ୍ଥାନ କ୍ୱାକ୍

ଆଫଗାନିସ୍ଥାନରେ ଗତକାଲି ଘଟିଥିବା ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୧୨୦କୁ ଟପିଛି ।ଏକହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି ।

ଆଫଗାନିସ୍ଥାନ ପଶ୍ଚିମାଞ୍ଚଳରେ ଘଟିଥିବା ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬ଦଶମିକ ୩ ରହିଥିଲା। ଦୁଇଘଣ୍ଟା ମଧ୍ୟରେ ୫ଥର ଭୂକମ୍ପ ହୋଇଛି । କାବୁଲଠାରୁ ୪୦କିଲୋମିଟର ପଶ୍ଚିମରେ ଅବସ୍ଥିତ ହେରାତ୍ ଏହାର କେନ୍ଦ୍ରସ୍ଥଳ ବୋଲି ଜଣାପଡିଛି । ତେବେ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇପାରେ ବୋଲି ଜଣାପଡିଛି । ବହୁ ବଡ ବଡ କୋଠା ଭାଙ୍ଗିଯାଇଛି । ସେଠାରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ।

# ଏସିଆନ୍ ଗେମ୍ସ

ଏସୀୟ କ୍ରୀଡାରେ ଭାରତୀୟ ଖେଳାଳୀଙ୍କ ଅଭୂତପୂର୍ବ ସଫଳତା ପାଇଁ ସମାଜର ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରୀଡାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆସନ୍ତା ମଙ୍ଗଳବାର ଦିନ ଏସୀୟ କ୍ରୀଡାରେ ଭାଗ ନେଇଥିବା ଖେଳାଳୀଙ୍କୁ ସେ ଭେଟିବାର କାର୍ଯ୍ୟସୂଚୀ ରହିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଏହି ସଫଳତା ପାଇଁ ଭାରତୀୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି ୧୦୭ଟି ପଦକ ଜିତି ଭାରତୀୟ ଖେଳାଳି ଦେଶକୁ ଗର୍ବିତ କରିଛନ୍ତି ବୋଲି ସେ କହିଛନ୍ତି ।

ଏସୀୟ କ୍ରୀଡ଼ା ପ୍ରଥମ ଥର ପାଇଁ ଭାରତ ୧୦୦ରୁ ଅଧିକ ପଦକ ହାସଲ କରିଛି ।  ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଓ ୪୧ଟି ବ୍ରୋଞ୍ଜ ପଦକ ସହ ଭାରତ ୧୦୭ଟି ପଦକ ପାଇ ତାଲିକାର ଚତୁର୍ଥ ସ୍ଥାନରେ ବଜାୟ ରଖିପାରିଛି । ଗତକାଲି  ଭାରତ ୬ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଏବଂ ଦୁଇଟି ବ୍ରୋଞ୍ଜପଦକ ହାସଲ କରିଛି ।   ଭାରତୀୟ ପୁରୁଷ କବାଡ଼ି ଟିମ୍ ଇରାନ୍ ବିପକ୍ଷରେ ପ୍ରତିଯୋଗୀତାରେ ୩୩-୨୯ରେ ବିଜୟୀ ହୋଇଛନ୍ତି । ପୁରୁଷ କ୍ରିକେଟ୍ ଟିମ୍ ମଧ୍ୟ ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ୍‌ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛି । ବର୍ଷା ଯୋଗୁଁ ସେହି ଖେଳ ବାତିଲ ହୋଇଥିଲା । ଭାରତୀୟ ପୁରୁଷ ଓ ମହିଳା ଚେସ୍ ଟିମ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । କୁସ୍ତିରେ ଦୀପକ ପୁନିଆ ୮୬ କିଲୋଗ୍ରାମ୍ ଫ୍ରିଷ୍ଟାଇଲ୍ ବର୍ଗରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ମହିଳା ହକିରେ ଭାରତୀୟ ଦଳ ଜାପାନକୁ ୨-୧ରେ ହରାଇ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

ଚିରାଗ ସେଟୀ ଓ ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ପ୍ରଥମଥର ପାଇଁ ଏସୀୟ କ୍ରୀଡ଼ାରେ ଭାରତ ବ୍ୟାଡ୍‌ମିଣ୍ଟନ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି । ସେମାନେ କୋରିଆର ଚୋଇ ସୋଲ୍‌ଗ୍ୟୁ ଓ କିମ୍ ୱେନ୍-ହୋଙ୍କୁ ୨୧-୧୮ ଓ ୨୧-୧୬ରେ ପରାସ୍ତ କରିଛନ୍ତି । ଅନ୍ୟ ସ୍ୱର୍ଣ୍ଣ ପଦକ

ଗୁଡ଼ିକ ମଧ୍ୟରେ ମହିଳା କବାଡ଼ି ଓ ପୁରୁଷ ବ୍ୟକ୍ତିଗତ ତୀରଚାଳନା କମ୍ପାଉଣ୍ଡ ପ୍ରତିଯୋଗୀତାରେ ମିଳିଛି ।

ସୂଚନାଯୋଗ୍ୟ, ୨୦୧୦ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତ ୧୦୧ଟି ପଦକ ହାସଲ କରିଥିଲା । ଆଜି ଏସୀୟ କ୍ରୀଡାର ଅନ୍ତିମ ଦିବସ ।

## କ୍ରିକେଟ

ଆଇସିସି ଦିନିକିଆ ବିଶ୍ୱକପ୍-୨୦୨୩ରେ ଭାରତ ଆଜି ତା'ର ଅଭିଯାନ ଆରମ୍ଭ କରିବ । ଚେନ୍ନାଇର ଏମ.ଏ ଚିଦାମ୍ବରମ୍ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷରେ ଚଳିତ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ ଖେଳିବ ।

ଗତକାଲି ଅନୁଷ୍ଠିତ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଶ୍ରୀଲଙ୍କାକୁ ୧୦୨ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରିଛି । ଦିଲ୍ଲୀ ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ଓଭରରେ ୫ଓ୍ୱିକେଟ ବିନିମୟରେ ସର୍ବାଧିକ ୪୨୮ରନ୍ ସଂଗ୍ରହ କରିଥିଲା । ମାର୍କରାମ୍, ଡିକକ୍, ଡୁସେନ ଦଳ ପକ୍ଷରୁ ଶତକ ହାସଲ କରିଥିଲେ । ୪୨୯ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଶ୍ରୀଲଙ୍କା ୪୪ଓଭର ୫ଟି ବଲ୍‌ରେ ସମସ୍ତ ଓ୍ୱିକେଟ ହରାଇ ୩୨୬ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ । ଟସ୍ ଜିତି ଶ୍ରୀଲଙ୍କା ଫିଲ୍ଡିଂ କରିବାକୁ

ନିଷ୍ପତ୍ତି ନେଇଥିଲା । ଦିନିକିଆ ବିଶ୍ୱ କପ୍ କ୍ରିକେଟ ଇତିହାସରେ ଦକ୍ଷିଣ ଆଫ୍ରିକାର ୪୨୮ରନ୍ ସର୍ବାଧିକ ବୋଲି ଜଣାପଡିଛି ।